# Akashvani, Sambalpur

# SAMBALPURI NEWS BULLETIN

## 18 November 2025 – 6.47- 6.52 am.

*********************************************

ଜଳ ଶକ୍ତି ପୁରସ୍କାର୍       ପିଆଇବି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ନୂଆଦିଲ୍ଲୀର୍ ବିଜ୍ଞାନ୍ ଭବନ୍ ନ ୨୦୨୪ ବଛର୍ ଲାଗି ୬ ନମ୍ବର୍ ଜାତୀୟ ଜଳ ପୁରସ୍କାର୍ ପ୍ରଦାନ୍ କର୍ବେ । ଇ ପୁରସ୍କାର୍ ୧୦ ଟା ବର୍ଗଥି ଦିଆଯିବା । ଓଡ଼ିଶାର୍ ଆଂଚଳିକ୍ ମୁଖ୍ୟ ବନ ସଂରକ୍ଷକ, ବ୍ରହ୍ମପୁର୍ ସର୍କଲ୍‌କେ ବାହ୍ୟ ପରିସର୍ ବର୍ଗଥି ପୁରସ୍କାର୍ ମିଲ୍‌ବା । ସେନ୍ତା କୋରାପୁଟ୍ ଦାମନ୍‌ଯୋଡ଼ିର ମାଲୁଶାନ୍ତ ସର୍କାରୀ ବିଦ୍ୟାଳୟକେ ଶ୍ରେଷ୍ଠ ବିଦ୍ୟାଳୟ ବର୍ଗଥି ପୁରସ୍କାର୍ ଦିଆଯିବା ବଲି ଜଳଶକ୍ତି ମନ୍ତ୍ରଣାଳୟ ତର୍ଫୁ ସୂଚ୍‌ନା ଦିଆଯାଇଛେ । ଇଥର ମହାରାଷ୍ଟ୍ରକେ ଶ୍ରେଷ୍ଠ ରାଜ୍ୟ ଭାବେ ଜାତୀୟ ଜଳ ପୁରସ୍କାର୍ ଦିଆଯିବା । ପାଏନ୍‌ର ସଂରକ୍ଷଣ୍ ଆଉ ପରିଚାଳନା କ୍ଷେତ୍ରଥି ଭଲ୍ କାମ୍ କରିଥିବା ରାଜ୍ୟ ଆଉ ରାଜ୍ୟର୍ ଭିନ୍ ଭିନ୍ ଅନୁଷ୍ଠାନ୍‌କେ ଇ ପୁରସ୍କାର୍ ଦିଆଯାଉଛେ । ପହେଲା ଜାତୀୟ ଜଳ ପୁରସ୍କାର ୨୦୧୮ ମସିହାଥି ମୁଲ୍ ହେଇଥିଲା ।

ଜିଲ୍ଲାପାଳ୍ ସମ୍ମିଳନୀ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଆଏଜ୍‌ଠାନୁ ୨ ଦିନିଆ ଜିଲ୍ଲାପାଳ୍ ସମ୍ମିଳନୀ ମୁଲ୍ ହେବା । ୨ ନମ୍ବର୍ ଦିନେ ଆଏବା କାଏଲ୍ ସମ୍ମିଳନୀଥି ଆରକ୍ଷୀ ଅଧିକ୍ଷକ୍ ମାନେ ଭିଲ୍ ସାମିଲ୍ ହେବେ । ସମ୍ମିଳନୀକେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ଇ ଅବ୍‌ସରେ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ସହେତେ ଭିନ୍ ଭିନ୍ ବିଭାଗ୍‌ର ମନ୍ତ୍ରୀ, ମୁଖ୍ୟ ଶାସନ୍ ସଚିବ ଯୋଗ୍ ଦେବେ । ଜିଲ୍ଲାପାଳ୍ ମାନ୍‌କର୍ ସହେତେ ରାଜସ୍ୱ ଆୟୁକ୍ତ ମାନେ ଭିଲ୍ ସାମିଲ୍ ହେବେ ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଓଡ଼ିଶା ପରବ୍ ଉଦ୍‌ଯାପିତ୍      ଆର୍‌ଏନ୍‌ୟୁ/ ସମ୍ବଲପୁର

ବେଙ୍ଗାଲୁରୁ ନ ଚାଲିଥିବା ୩ ଦିନିଆ ଓଡ଼ିଶା ପରବ୍ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ରାଜ୍ୟ ହସ୍ତତନ୍ତ ଆଉ ବୟନ ଶିଳ୍ପ, ସଂସ୍କୃତି, ପଂଚାୟତିରାଜ୍ ଆଉ ମିଶନ୍ ଶକ୍ତି ବିଭାଗ୍ ତର୍‌ଫୁ ମିଶିକରି ଓଡ଼ିଶା ପରବ୍‌ର ଆୟୋଜନ୍ କରାଯାଇଥିଲା । ମହୋତ୍ସବ୍‌ଥି ଓଡ଼ିଶାର୍ ସମୃଦ୍ଧ ଐତିହ୍ୟ, କଳା, ଭିନ୍ ଭିନ୍ ଖାଦ୍ୟ, ହସ୍ତଶିଳ୍ପର୍ ପ୍ରଦର୍ଶନ୍

କରାଯାଇଥିଲା । ଇ ମହୋତ୍ସବ୍ ଓଡ଼ିଶାର୍ କାରିଗର୍, ବୁନ୍‌କାର୍ ଆର୍ ଉଦ୍ୟୋଗୀମାନ୍‌କର୍ ଲାଗି ସେମାନ୍‌କର୍ କଳା ପ୍ରଦର୍ଶନ୍ କର୍‌ବାର୍ ସହେତେ ବଜାର୍, ପର୍ଯ୍ୟଟନ୍ ଆଉ ସାଂସ୍କୃତିକ୍ କ୍ଷେତ୍ରର୍ ବିକାଶ୍ ଦିଗେ ବର୍‌କସ୍ ମଚାନ୍ ସାଜିଥିଲା ।

ଭାରତ୍ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଆର୍‌ଏନ୍‌ୟୁ/ ସମ୍ବଲପୁର

ହସ୍ତଶିଳ୍ପ ଲାଗି ସାରା ପୁର୍‌ଥି ନ ନାଁ କରିଥିବା ଓଡ଼ିଶା ଆଏଜ୍ ପୁଞ୍ଜିନିବେଶ୍‌ର ଗୁଟେ ବର୍‌କସ୍ ଜାଗା ହେଇଛେ ବଲି ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ । ନୂଆଦିଲ୍ଲୀର୍ ଭାରତ୍ ମଣ୍ଡପ୍ ନ ଚାଲିଥିବା ଭାରତ୍ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାଥି ଓଡ଼ିଶା ପାଭିଲଅନ୍ ବୁଲିକରି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍, କୃଷିଦରବ୍ ଆଉ ଗାଁ ଗହଲିର୍ ଶିଳ୍ପୀମାନ୍‌କର୍ ହସ୍ତଶିଳ୍ପୀ ମାନ୍‌କର୍ ତିଆର୍ ଦରବ୍ ସମ୍‌କର୍ ଲାଗି ପ୍ରତ୍ୟକ୍ଷ ଆଉ ପରୋକ୍ଷ ନିଯୁକ୍ତି ସୁଯୋଗ୍ ସୃଷ୍ଟି କର୍‌ବା । ଇ ମେଳା ଏକ୍ ଭାରତ୍ ଶ୍ରେଷ୍ଠ ଭାରତ୍, ଆତ୍ମନିର୍ଭର୍ ଭାରତ୍ ଆହ୍ୱାନ୍ ଆଉ ଓଡ଼ିଶା ଭିଜନ୍ -୨୦୩୬ ଦୃଷ୍ଟିକୋଣର୍ ମିଲିତ୍ ଚେରେଷ୍ଟା ଆଏ ବଲି ଶ୍ରୀ ସିଂହଦେଓ କହିଛନ୍ ।

ହ୍ୟୁମାନ୍ ସାଗର ପରଲୋକ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ନାଁକରା କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗର୍ଙ୍କର୍ ଗଲାକାଏଲ୍ ଭୁବନେଶ୍ୱର୍ ଏମ୍ସ ନ ଚିକିତ୍ସାଧୀନ୍ ଅବସ୍ଥାଥି ପରଲୋକ୍ ହେଇଯାଇଛେ । ମୃତ୍ୟୁ ବେଲ୍କେ ତାଙ୍କୁ ୩୪ ବଛର୍ ବୟସ୍ ହେଉଥିଲା । ତାଙ୍କର୍ ପରଲୋକ୍ଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି ଶୋକପ୍ରକାଶ୍ କରିକରି ଓଡ଼ିଆ ସଂଗୀତ ଆଉ ସିନ୍ମା ଜଗତ୍କେ ତାଙ୍କର୍ ଅବଦାନ୍ ସବୁବେଲେ ସୁର୍ତା ହେଇକରି ରହେବା ବଲି ରାଜ୍ୟପାଲ୍ କହିଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭିଲ୍ ଶୋକପ୍ରକାଶ୍ କରିକରି ହ୍ୟୁମାନ୍ ସାଗର୍ଙ୍କର୍ ପରଲୋକ୍ ଆମର୍ ସଂଗୀତ୍ ଆଉ ସିନ୍ମା ଜଗତ୍ ଲାଗି ବହୁତ୍ ବଡ଼ କ୍ଷତି ବଲି କହେବାର୍ ସହେତେ ତାଙ୍କର୍ ପରିବାର୍କେ ସମବେଦନା ଜନେଇଛନ୍ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ରଙ୍କର୍ ସହେତେ ଭିନ୍ ଭିନ୍ ବ୍ୟକ୍ତିବିଶେଷ୍ ଭିଲ୍  ତାଙ୍କର୍ ପରଲୋକ୍ଥି ଶୋକପ୍ରକାଶ୍ କରିଛନ୍ ।

ବିଶ୍ୱ ଶିଶୁ ଯୌନ ନିର୍ଯ୍ୟାତନା ଆଉ ହିଂସା ନିରୋଧୀ ଦିବସ

ଆର୍ଏନ୍ୟୁ/ ସମ୍ବଲପୁର

ହିଂସା ଆଉ ଯୌନ ନିର୍ଯ୍ୟାତନା ନୁ ଛୁଆମାନ୍କର୍ ସୁରକ୍ଷା ଆଉ ସେମାନ୍କର୍ ମାନସିକ୍ ଥିତିର୍ ସୁଧାର୍ ଲକ୍ଷ୍ୟଥି ଆଏଜ୍ ପାଲନ୍ ହେଉଛେ

ବିଶ୍ୱ ଶିଶୁ ଯୌନ ନିର୍ଯ୍ୟାତନା ଆଉ ହିଂସା ନିରୋଧୀ ଦିବସ । ଛୁଆମାନ୍‌କର୍ ବିରୋଧ୍‌ଥି ଘଟୁଥିବା ଅପରାଧ୍‌କେ ରୁକ୍‌ବାର୍ ସହେତେ ନିର୍ଯ୍ୟତନାର୍ ଶିକାର୍ ହେଇଥିବା ଛୁଆମାନ୍‌କର୍ ସୁରକ୍ଷା, ନ୍ୟାୟ, ଆଉ ଅଧିକାର୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ୨୦୨୨ ମସିହାନୁ ମିଳିତ ଜାତିସଂଘ ତର୍‌ଫୁ ନଭେମ୍ବର୍ ୧୮ ତାରିଖ୍‌କେ ଇ ଦିବସ୍ ଭାବେ ପାଲନ୍ କରାଯାଉଛେ ।

ଧନୁଯାତ୍ରା - କଳାକାର୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଶ୍ୱପ୍ରସିଦ୍ଧ ବର୍‌ଗଡ୍ ଧନୁଯାତ୍ରା ଲାଗି ୩ ଦିନ୍ ଧରି ଚାଲିଥିବା କଳାକାର୍ ବାଛ୍‌ବାର୍ ପ୍ରକ୍ରିୟା ଗଲାକାଏଲ୍ ଶେଷ୍ ହେଇଛେ । ଆଏଜ୍ ଫଲାଫଲ୍ ବାହାର୍‌ବା । ସବୁନୁ ଚର୍ଚ୍ଚା କଂସ ଭୂମିକାକେ ନେଇକରି ଚାଲିଛେ । ଇଥିର୍‌ଲାଗି ୩୬ ଝନ୍ ଆଶାୟୀ ଅଡିସନ୍ ଦେଇଥିଲେ ।

ଏକତା ପଦଯାତ୍ରା          ସୁବର୍ଣ୍ଣପୁର୍ ସମ୍ବାଦଦାତା

ଲୌହମାନବ ସର୍ଦ୍ଦାର୍ ବଲ୍ଲଭ୍ ଭାଇ ପଟେଲ୍‌ଙ୍କର୍ ଶହେ ୫୦ ତମ ଜୟନ୍ତୀ ବଛର୍ ପାଲନ୍ ଅବ୍‌ସରେ ସୁବର୍ଣ୍ଣପୁର୍ ଜିଲ୍ଲାର୍ ବୀର୍‌ମହାରାଜ୍‌ପୁର୍ ଠାନେ ଆଏବା ୨୪ ତାରିଖ୍ ଦିନ ଜିଲ୍ଲାସ୍ତରୀୟ

ଏକତା ପଦଯାତ୍ରା ଆୟୋଜନ୍ କରାଯିବା । ଅତିରିକ୍ତ ଜିଲ୍ଲାପାଳ୍ ଅଞ୍ଜଳିନା ପ୍ରଧାନ୍‌ଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଇ ବାବଦ୍ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଇ ଅବ୍‌ସରେ ଏକତା ପଦଯାତ୍ରା ସହେତେ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ସାମୂହିକ୍ ସଫେଇ କାର୍ଯ୍ୟକ୍ରମ୍ ଆଉ ଭିନ୍ ଭିନ୍ ସଚେତନତା କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯିବା । ପଦଯାତ୍ରା ବୀର୍‌ମହାରାଜ୍‌ପୁର୍ ମିନି ଷ୍ଟାଡ଼ିୟମ୍ ନୁ ବାହାରିକରି ନଗର୍ ପରିକ୍ରମା କର୍‌ବା ।

ବଲାଙ୍ଗିର୍- ଧନୁଯାତ୍ରା ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲା ପୁଇଁତଲା ନ ଚାଲିଥିବା ଧନୁଯାତ୍ରା ମହୋତ୍ସବ୍ ଥି ଗଲାକାଏଲ୍ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଯୋଗ୍ ଦେଇକରି କଂସ ଦର୍‌ବାର୍ ପଶ୍ଚିମ ଓଡ଼ିଶାର୍ ଗୁଟେ ପୁରାତନ୍ ଲୋକସଂସ୍କୃତି ଆଏ ବଲି କହିଛନ୍ । ସାମାଜିକ୍ ସଂସ୍କାର୍ ବାର୍ତା ଦଉଥିବା ଇ ଯାତ୍ରାକେ ବଁଚେଇ ରଖ୍‌ବାର୍ ଲାଗି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ୍ କହିଛନ୍ ।

ଜାତୀୟ ପାରା ସନ୍ତରଣ ଚମ୍ପିଆନ୍‌ସିପ ଆର୍‌ଏନ୍‌ୟୁ/ ସମ୍ବଲପୁର

ହାଇଦ୍ରାବାଦ୍ ନ ଚାଲିଥିବା ଜାତୀୟ ପାରା ସନ୍ତରଣ ଚମ୍ପିଆନ୍‌ସିପ୍‌ର ୨ ନମ୍ବର୍ ଦିନେ ଗଲାକାଏଲ ଓଡ଼ିଶାକେ ୪ ଟା ସ୍ୱର୍ଣ୍ଣ ସହେତେ ୨୬ ଟା ପଦକ୍ ମିଲିଛେ । ଇତାର୍‌ସହେତେ ଓଡ଼ିଶାର୍ ପଦକ୍ ସଂଖ୍ୟା ୩୩ କେ ପୁହୁଁଚିଛେ ।

ପାଣିପାଗ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଭିତ୍‌ରିଆ ପର୍ଶ୍ଚିମ ଆଉ ଦକ୍ଷିଣ ଇଲାକା ନ ଶୀତର୍ ପ୍ରଭାବ୍ ଲାଗି ରହିଛେ ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଆଏବା କାଏଲ୍‌ଠାନୁ ୨ ନୁ ୩ ଡିଗ୍ରୀତକ୍ ତାପମାତ୍ରା ବଢ଼୍‌ବା ଆଉ ଶୀତ୍ ଟିକେ କମ୍‌ବା ବଲି ପାଣିପାଗ କେନ୍ଦ୍ର ତର୍‌ଫୁ କୁହାଯାଇଛେ ।